## ସଂକ୍ଷେପରେ

### ସାଇନପଡ଼ା ସେବାଶ୍ରମ: ଛାତ୍ରୀଙ୍କୁ ମାଟ୍ରନ୍‌ଙ୍କ ନିର୍ଯାତନା ଅଭିଯୋଗ

**କ.ନୂଆଗାଁ, ୨୫।୨ (ଡି.ଏନ୍.ଏ.):** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାଇନପଡ଼ା ସେବାଶ୍ରମରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଟ୍ରନ୍ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଗତ ୨୧ ତାରିଖରେ ଶିବରାତ୍ରି ପାଇଁ ବିଦ୍ୟାଳୟ ଛୁଟି ଥିଲା। ଏଥିପାଇଁ ସେବାଶ୍ରମର ଜଣେ ଛାତ୍ରୀ ଟିଭି ଦେଖିବା ପାଇଁ ମାଟ୍ରନ୍‌ଙ୍କୁ ରିମୋଟ୍ ମାଗିଥିଲେ। କିନ୍ତୁ ମାଟ୍ରନ୍ ରାଗିଯାଇ ଛାତ୍ରୀକୁ ୩ ଘଣ୍ଟା ଆଣ୍ଠେଇବାକୁ କହିଥିଲେ। ଛାତ୍ରୀ ଜଣକ ୩ ଘଣ୍ଟା ଅଣ୍ଠେଇବା ଫଳରେ ଅସୁସ୍ଥ ହୋଇଯାଇଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ଦେବାନନ୍ଦ ପ୍ରଧାନ ଛାତ୍ରୀଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ମାଟ୍ରନଙ୍କୁ କୈଫିୟତ୍ ମାଗିଥିଲେ, ପଦସ୍ଥ କର୍ମଚାରୀମାନଙ୍କୁ ଜଣାଇଥିଲେ। ଅଭିଯୋଗ ପାଇ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ସୋମବାର ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ମଙ୍ଗଳବାର ଛାତ୍ରୀ ଜଣକ ଗୁରୁତର ହେବାରୁ ପ୍ରଧାନ ଶିକ୍ଷକ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ମାଟ୍ରନ୍ ଜଣକ ବିଦ୍ୟାଳୟରୁ ବିନା ଅନୁମତିରେ ପଳାଇଥିବାର ପ୍ରଧାନ ଶିକ୍ଷକ କହିଛନ୍ତି। ଅନ୍ୟପଟେ ମାଟ୍ରନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ବାହାର କରିବା ପାଇଁ ସେବାଶ୍ରମର ଛାତ୍ରୀମାନେ ଦାବି କରିଛନ୍ତି।

### ଡ୍ରେସ୍ ଦୋକାନରେ ଦାଦାଗିରି, ଜଣେ ଅଟକ

**ହିଞ୍ଜିଳିକାଟୁ, ୨୫।୨ (ଡି.ଏନ୍.ଏ.):** ହିଞ୍ଜିଳିକାଟୁ ଲକ୍ଷ୍ମୀ ବଜାରର ଏକ ଡ୍ରେସ୍ ଦୋକାନରୁ ମଙ୍ଗଳବାର ଜଣେ ଯୁବକ ଜବରଦସ୍ତ ଡ୍ରେସ ନେଇଯାଇଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ଜଣେ ଯୁବକ ଡ୍ରେସ ଦୋକାନକୁ ଯାଇ ନିଜେ ନୂଆଁ ଡ୍ରେସ୍ ପିନ୍ଧିବା ସହ ପୁରୁଣାକୁ ରଖି ପଳାଉଥିଲେ। ଦୋକାନର କର୍ମଚାରୀ ନୂଆଁ ଡ୍ରେସର ଦାମ ମାଗିବାରୁ ସମ୍ପୃକ୍ତ ଯୁବକ ଦୋକାନ କର୍ମଚାରୀଙ୍କୁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏ ନେଇ ଦୋକାନ ମାଲିକ ହିଞ୍ଜିଳି ଥାନାରେ ଅଭିଯୋଗ ପରେ ପୋଲିସ ଜଣକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଚିକିଟି, ୨୫।୨ (ଡି.ଏନ.ଏ.):** ଚିକିଟି ବ୍ଲକ୍ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ଶଙ୍କର ପ୍ରସାଦ ପଣ୍ଡା ଏଥିରେ ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ମାଧମିକ ଶିକ୍ଷା ପରିଷଦର ଉପସଚିବ ଡ. କୁଳମଣି ଓଝା ଯୋଗଦେଇ ଉପାନ୍ତ ଅଞ୍ଚଳରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ପ୍ରାଧାପକ ଗଙ୍ଗାଧର ପ୍ରଧାନ, ଆକୁଳାନନ୍ଦ ପାଢୀ, ଧନ୍ଦାମୂଳକ ମହାବିଦ୍ୟାଳୟର ଅଧାପକ ରୁନାଚନ୍ଦ୍ର ସାହୁ, ଓଡିଆ ବିଭାଗର ମୁଖ୍ୟ ଡ. ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଗାଈ, ମେଣ୍ଢା ମୃତ

**ବନ୍ତଲା, ୨୫।୨ (ଡି.ଏନ.ଏ.)**

- ଥାନାରେ ଅଭିଯୋଗ କଲେ ଚାଷୀ
- ଅନେକ ସ୍ଥାନରେ କମ୍ ଉଚ୍ଚରେ ତାର
- ବିଦ୍ୟୁତ୍ ବିଭାଗର ଚେତା ପଶୁନି



ବିଦ୍ୟୁତ୍ ଆଘାତରେ ଏକ ଗାଈର ମୃତ୍ୟୁ ହୋଇଛି।

ଭୂମିଠାରୁ ୨୦ ଫୁଟ ଉଚ୍ଚତାରେ ୧୧ କେଭି ବିଦ୍ୟୁତ୍ ତାର ରହିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ ତାହାକୁ ଅନେକ ସ୍ଥାନରେ କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ବିଦ୍ୟୁତ୍ ଆଘାତରେ ବାରମ୍ବାର ଧନଜୀବନ ହାନି ଘଟୁଛି। ମଙ୍ଗଳବାର ଅନୁଗୋଳ ଜିଲା ବନ୍ତଲା-ଶଙ୍ଖପୁର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ୧୧ କେଭି ଖୁଣ୍ଟରେ ବିଦ୍ୟୁତ୍ ଚାର୍ଜ ହୋଇ ଗୋଟିଏ ଗାଈ ଓ ମେଣ୍ଢାର ମୃତ୍ୟୁ ହୋଇଥିବା ବେଳେ ଜଣେ ଚାଷୀ ଆହତ ହୋଇଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ ସମ୍ପୃକ୍ତ ଚାଷୀ ବନ୍ତଲା ଥାନାରେ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ବନ୍ତଲା ବିଦ୍ୟୁତ୍ ସବଷ୍ଟେଶନରୁ ୧୧ କେଭି ତାର ରାସ୍ତା ଉପରେ ଯାଇଥିବା ବେଳେ ସେହି ଖୁଣ୍ଟରେ ଏଲ୍‌ଟି ତାର ମଧ ଭିଡ଼ାଯାଇଛି। କିନ୍ତୁ କମ୍ ଉଚ୍ଚତା ଯୋଗୁ ସୋମବାର ସନ୍ଧ୍ୟାରେ ଏକ ଧାନବସ୍ତା ବୋଝେଇ ଟ୍ରକ୍ ଏଲ୍‌ଟି ବିଦ୍ୟୁତ୍ ତାରରେ ଲାଗି ଯିବାରୁ ତାହା ଟାଣି ହୋଇଯାଇଥିଲା। ଫଳରେ ୧୧ କେଭି ଖୁଣ୍ଟରେ ଲାଗିଥିବା ଆଙ୍ଗେଲ ଶଙ୍ଖ ଭାଙ୍ଗି ଖୁଣ୍ଟରେ ବିଦ୍ୟୁତ ଚାର୍ଜ ହୋଇଥିଲା। ଘଟଣାସ୍ଥଳକୁ ଲାଗି ବନ୍ତଲା ବିଦ୍ୟୁତ୍ ସବଷ୍ଟେଶନ ଥିଲେ ବି ଏହାକୁ ଅଧିକାରୀମାନେ ହାଲ୍‌କା ଭାବେ ନେଇଥିଲେ। ଫଳରେ ମଙ୍ଗଳବାର ସକାଳେ ଶଙ୍ଖପୁର ଗ୍ରାମର ଚାଷୀ ରବି ସାହୁ ଗାଈ ଓ ମେଣ୍ଢି ଚରାଇବା ପାଇଁ ବନ୍ତଲା କଲେଜ ନିକଟକୁ ଯାଉଥିବା ବେଳେ ରାତିରୁ ଚାର୍ଜ ହୋଇରହିଥିବା ଉକ୍ତ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ତାଙ୍କର ଗୋଟିଏ ଗାଈ ଓ ମେଣ୍ଢାର ମୃତ୍ୟୁ ହୋଇଥିଲା। ରବି ମଧ ଆହତ ହୋଇଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ପ୍ରତିକାର ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଉଥିଲେ ମଧ ସେସୁ ଓ ଏନଜେନ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ଅନୁଗୋଳ ଦେଇ ଜାତୀୟ ରାଜପଥର ପଞ୍ଚମହଲା ଛକଠାରୁ ଟିକରପଡାକୁ ପୂର୍ତ୍ତ ବିଭାଗ ରାସ୍ତା ଯାଇଛି। ଉକ୍ତରାସ୍ତାର ପଞ୍ଚମହଲା ଛକଠାରୁ କରତପଟା ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ୧୧ କେଭି ବିଦ୍ୟୁତ୍ ତାର ଅଳ୍ପ ଉଚ୍ଚରେ ଝୁଲି ରହିଛି। ଏଥିସହ ରାସ୍ତାର ଅତି ପାର୍ଶ୍ୱରେ ଟ୍ରାନ୍ସଫର୍ମର ଲଗାଯାଇଥିବା ଯୋଗୁ ସେହିସବୁ ସ୍ଥାନରେ ରାସ୍ତା ସଙ୍କୁଚିତ ହୋଇଯାଉଛି। ବିଶେଷକରି ପଞ୍ଚମହଲା, ଶରଧାପୁର, କୁମୁରିସିଙ୍ଗା, ପାତେଲି, ବନ୍ତଲା, ଶଙ୍ଖପୁର, ପୋକତୁଙ୍ଗା, ମଧୁପୁର, ନନ୍ଦପୁର, ବ୍ରହ୍ମପୁର, କରତପଟା ଆଦି ଗ୍ରାମ ନିକଟ ପୂର୍ତ୍ତ ବିଭାଗ ରାସ୍ତାର ପ୍ରାୟ ୩୬ଟି ସ୍ଥାନରେ ୧୧ କେଭି ତାର କମ୍ ଉଚ୍ଚତାରେ ଝୁଲି ରହିଛି। କେବଳ ୧୧ କେଭି ନୁହେଁ ଅନେକ ସ୍ଥାନରେ ଏଲ୍‌ଟି ବିଦ୍ୟୁତ୍ ତାର ମଧ ବିପଦସଂକୁଳ ଅବସ୍ଥାରେ ଓହଳି ରହିଛି। ବନ୍ତଲା ଥାନା ସମ୍ମୁଖରେ ଏକ ଟାୱାରକୁ ୧୧ କେଭି ସଂଯୋଗ ସ୍ଥାନରେ ବାରମ୍ବାର ଗାଡି ଲାଗି ତାର ଛିଣ୍ଡୁଛି। ବନ୍ତଲା ଗ୍ରାମ ଛକ ଠାରୁ ସାରଙ୍ଗପୁର ମଧରେ ବେଳେବେଳେ ବସ୍ ଓ ଟ୍ରକ୍‌ର ଡାଲା ତାରକୁ ଛୁଉଁଛି। ତେଣୁ ବଡ଼ଧରଣର ଦୁର୍ଘଟଣା ଆଶଙ୍କା ରହୁଥିବାରୁ ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଏ ବିଷୟରେ ଅନୁଗୋଳ ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବ୍ରତ ସାହୁ କହିଛନ୍ତି, ଯେଉଁ ୩୬ଟି ସ୍ଥାନରେ ବିଦ୍ୟୁତ୍ ତାର ନିର୍ଦ୍ଧାରିତ ଉଚ୍ଚତା ବା ୨୦ ଫୁଟ୍ ତଳେ ରହିଥିବା କୁହାଯାଉଛି ତାହାର ମେଜରମେଣ୍ଟ କଲେ ସତ୍ୟାସତ୍ୟ ଜଣାପଡିବ। ତଥାପି ଏତେ ସ୍ଥାନରେ ତାର କମ୍ ଉଚ୍ଚତାରେ ଯାଇଥିବା ମନେହେଉ ନାହିଁ। ୮୫୦ଟି ଜାଗାରେ ରୋଡ୍‌କ୍ରସ ଲୋକେଶନ ନେଇ ସରକାରଙ୍କୁ ରିପୋର୍ଟ କରାଯିବା ସହିତ ୩୭ କୋଟି ଟାଙ୍କର ଏଷ୍ଟିମେଣ୍ଟ ଦିଆଯାଇଛି। ବନ୍ତଲା ଓ ବଡ଼କେରା ସବ୍‌ଷ୍ଟେଶନ ବୁଲି ଦେଖିସାରିବା ପରେ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

# କୁଇଣ୍ଟାଲ ପିଛା ୩ କେଜି କାଟୁଛନ୍ତି ମିଲର

## ଧାନ କିଣାରେ ଠକେଇ ଅଭିଯୋଗ




ଧାନବସ୍ତା ସହ ଚାଷୀ ମଣ୍ଡିରେ ଅପେକ୍ଷା କରିଛନ୍ତି।

**ପାଲଲହଡ଼ା, ୨୫।୨ (ଡି.ଏନ.ଏ.)**

ଚାଷୀଙ୍କ ଧାନକୁ ଉଚିତ ଦରରେ କିଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଣ ବିଭାଗ ଓ ସମବାୟ ସୋସାଇଟି ମାଧମରେ ମଣ୍ଡିର ବ୍ୟବସ୍ଥା କରିଥିଲେ ହେଁ ସମବାୟ ସମିତି ଓ ମିଲର ଚାଷୀଙ୍କୁ ଠକୁଥିବା ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳର ଚାଷୀ ଅଭିଯୋଗ ଆଣିଛନ୍ତି। ଚାଷୀ ବିକ୍ରି କରୁଥିବା ଧାନର ପ୍ରତି କୁଇଣ୍ଟାଲରେ ୩ କେଜି କାଟିଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।

ପାଲଲହଡ଼ା ଉପଖଣ୍ଡରେ ମୋଟ୍ ୧୧ଟି ସୋସାଇଟି ଥିବାବେଳେ ସେଥିରୁ ଅନୁଗୋଳର ୪ଟି ଚାଉଳ ମିଲ୍ ଚାଷୀଙ୍କ ଧାନ କିଣୁଛି। ସରକାରୀ ସ୍ତରରେ ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ହଜାର କୁଇଣ୍ଟାଲରୁ ଅଧିକ ଧାନ କିଣାଯାଇଥିବା ଜଣାପଡ଼ିଛି । ଅଞ୍ଚଳର ଜଣେ ଚାଷୀ ସୁବ୍ରତ କୁମାର ଦାସଙ୍କ ଅଭିଯୋଗ ମୁତାବକ, ନିଜିଗଡ଼ ସୋସାଇଟିରେ ଟୋକନ ନଂ. ୧୪୧ ରେ ୫୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ନେଇଥିଲେ। ହେଲେ କୁଇଣ୍ଟାଲ ପିଛା ୩ କେଜି ହିସାବରେ ୧୫୦ କେଜି ଧାନ କାଟି ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ କହିଛନ୍ତି, ସବୁ ଜାଗାରେ କଟାଯାଉଛି, ଆମେ କ'ଣ କରିପାରିବୁ। ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି, କେତେଜଣ ଚାଷୀ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ। ଯଦି ସେମିତି ହେଉଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଛେଣ୍ଡିପଦା, ୨୫।୨ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମର ମା' ଡାକେଶ୍ୱରୀ କ୍ଲବ ଓ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଆନୁକୂଲ୍ୟରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରାହ୍ମଣବିଲ ସରପଞ୍ଚ ସୁଧାକର ବେହେରା, ସମ୍ମାନିତ ଅତିଥି ଭାବେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ବେହେରା ଉପସ୍ଥିତ ରହି ସୁସ୍ଥ ସମାଜ ସହ ଉତ୍ତମ ସ୍ୱାସ୍ଥ୍ୟ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ବିଭାଗ ଅଧିକାରୀ ଦିଲୀପ କୁମାର ସାହୁ ଓ ଦୀପକ କୁମାର ସେଠୀ ପରିବେଶ, ଜଙ୍ଗଲ ସୁରକ୍ଷା ବିଷୟରେ ସଚେତନ କରିଥିଲେ। ମହର୍ଷି କଲେଜ ଅଧକ୍ଷ ପଞ୍ଚୁନାଥ ସାହୁ ଶିକ୍ଷା ଓ ନାରୀଶିକ୍ଷା ବିଷୟରେ ସଚେତନ କରାଇଥିଲେ। ନେହେରୁ ଯୁବକେନ୍ଦ୍ରର ବ୍ଲକ ସମନ୍ୱୟକାରୀ ତାପସ ସାହୁ ଓ ସୁନିତା ସାହୁ ଉପସ୍ଥିତ ରହି ସ୍ୱଚ୍ଛତା, ପରିମଳ ଓ ଜଳ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ତରୁଣ ସାହୁ ସଭା ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ, ମହିଳା ସଂଘ ତଥା ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଗାଣ ବର୍ଷା ପାଇଁ ଘୁଞ୍ଚିଲା ସ୍ୱାସ୍ଥ୍ୟ ଶିବିର

**ପାଲଲହଡା, ୨୫।୨ (ଡି.ଏନ.ଏ.)**

ଆସନ୍ତା ୨୬ ତାରିଖ ବୁଧବାର ପାଲଲହଡା ବ୍ଲକର ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ହେବାକୁ ଥିବା ବିଶାଳ ସ୍ୱାସ୍ଥ୍ୟ ଶିବିରକୁ ୨୭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପିଲାଡ୍)ରୁ ଜମରଡିହଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ମେଳା ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। ତେବେ ୨ଦିନ ଧରି ଲଗାଣ ବର୍ଷା ଯୋଗୁ ଏହି ଶିବିର ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ପାଲଲହଡା ବ୍ଲକ ସମେତ ଅଞ୍ଚଳର ଅପହଞ୍ଚ ଇଲାକା ବନ୍ଧାଭୂଇଁ, ନଗିରା, ବରଡିହ ଆଦି ପଞ୍ଚାୟତର ଲୋକଙ୍କୁ ଘର ପାଖରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଣ ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯିବାର ଯୋଜନା ରହିଛି। ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସୂଚନା ଦିଆଯାଇଛି।

# ୨୮ରୁ ମହିମା ମହୋତ୍ସବ

**ଅନୁଗୋଳ ଅଫିସ, ୨୫।୨**

ଅନୁଗୋଳର ଅଙ୍ଗାରବନ୍ଧଠାରେ ଥିବା ମହିମା ଧାମରେ ଆସନ୍ତା ୨୮ ତାରିଖରୁ ୩ ଦିନ ଧରି ମହିମା ମହୋତ୍ସବ ଆୟୋଜନ କରାଯିବ। ଏଥିରେ ଅନୁଗୋଳ ଜିଲା ସମତେ ବରଗଡ଼, ବଲାଙ୍ଗୀର ଓ କୋଣାର୍କ ଆଦି ସ୍ଥାନରୁ କଳାକାରମାନେ ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିବେ। ଏଥିସହ ରାଜ୍ୟ ବାହାରୁ ମଧ କଳାକାରମାନେ ମହିମା ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳଚ୍ଚିତ୍ର ତାରକା ଅଶ୍ରୁମୋଚନ ମହାନ୍ତି, ମିସ୍ ଇଣ୍ଡିଆ ଚାର୍ମିଫେସ୍ ଇଣ୍ଟର ନ୍ୟାଶନାଲ ୨୦୧୯ ବିଜେତା ଇପ୍ସିତା ଦାସ ପ୍ରମୁଖ ବହୁ କଳାକାରଙ୍କୁ ଏଥିରେ ସମ୍ମାନିତ କରାଯିବାର ଯୋଜନା ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜକମାନେ।

ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା ସହ ପ୍ରଚାର ପ୍ରସାର ଦିଗରେ ଧାନ ଦିଆଯିବ ବୋଲି ସମ୍ମିଳନୀରେ ଉପସ୍ଥିତ ମହିମା ଧାମ ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସଙ୍ଗଠନ ସମ୍ପାଦକ ବିଜ୍ଞାନୀ ବେହେରା ମହୋତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବାବେଳେ ଉପଦେଷ୍ଟା ଗୋପାଳନାଥ ମହାନ୍ତି ରୂପରେଖ ସମ୍ପର୍କରେ କହିଥିଲେ। ଉପେନ୍ଦ୍ର ଶର୍ମା, କରୁଣାକର ସାହୁ, ଡାକ୍ତର ସାହୁ, ଅଲେଖ ବେହେରା ପ୍ରମୁଖ ଉକ୍ତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମାନସିକ ସମସ୍ୟାର ପୃଷ୍ଠଭୂମି ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୨୫।୨**

ଅନୁଗୋଳ ମହିଳା ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ସଙ୍ଗୀତା ଦାସ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ପ୍ରଦୀପ କୁମାର ନାୟକ ଯୋଗଦେଇ କିଶୋରାବସ୍ଥାର ବିଭିନ୍ନ ମାନସିକ ସମସ୍ୟା ଓ ତାହାର ପାରିବାରିକ ତଥା ସାମାଜିକ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ଏପରି କି ଉକ୍ତ ମାନସିକ ସମସ୍ୟାର କିପରି ସଫଳତାର ସହ ପରିଚାଳନା କରାଯାଇପାରିବ ସେ ବିଷୟରେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା ଅଞ୍ଜଳି ତ୍ରିପାଠୀ ପରିବର୍ତ୍ତିତ ସମୟରେ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମନୋଚିକିତ୍ସା ପଦ୍ଧତିର ଗୁରୁତ୍ୱ ଓ ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀ ପ୍ରିୟଦର୍ଶନୀ ସାହୁ, ତପସ୍ୱିନୀ ମହାପାତ୍ର, ହରପ୍ରିୟା ନାଥ, ଧରିତ୍ରୀ ନାୟକ, ସ୍ମୃତିମୟୀ ପାତ୍ର, ସ୍ୱାଗତିକା ଦେହୁରୀ ପ୍ରମୁଖ ବିଭିନ୍ନ ଚିକିତ୍ସା ପଦ୍ଧତି ସମ୍ପର୍କିତ ନିବନ୍ଧ ପାଠ କରିଥିଲେ। ଅଧାପକ ସଂଗ୍ରାମ କେଶରୀ ଦାସ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ଡେମୋନଷ୍ଟ୍ରେଟର ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା, ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଅତିଥିଙ୍କ ସହ ମହାବିଦ୍ୟାଳୟ କର୍ତ୍ତୃପକ୍ଷ।

# ଆର୍‌ଟିଓରୁ ହଟୁନି ଦଲାଲ ରାଜ୍




- ଦୁଇ ଭଦ୍ରବ୍ୟକ୍ତିଙ୍କୁ ଖୋଜୁଛି ପୋଲିସ
- ୬ ମାସରେ ଧରାହେଲେଣି ୧୦

**ଅନୁଗୋଳ ଅଫିସ, ୨୫।୨**

ଅନୁଗୋଳ ଆରଟିଓ କାର୍ଯ୍ୟାଳୟରୁ ଗତ ୬ ମାସ ମଧରେ ୧୦ ଜଣ ଦଲାଲ୍ ଧରା ହେଲେଣି। ପ୍ରଥମେ ୩ ଜଣ ଓ ଗତ ସୋମବାର ୭ ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ତଥାପି ଆରଟିଓ କାର୍ଯ୍ୟାଳୟରୁ ଦାଲାଲ୍ ରାଜ ଥମୁ ନ ଥିବା ଅଭିଯୋଗ ହେଉଛି। ଏପରିକି ସବୁ ଜାଣୁଥିଲେ ମଧ ଆରଟିଓ କର୍ମଚାରୀ ଏ ନେଇ ମୁହଁ ଖୋଲୁ ନ ଥିବାରୁ ଦଲାଲଗିରିର ପରିସମାପ୍ତି ଘଟୁ ନ ଥିବା ଚର୍ଚ୍ଚା ହେଉଛି। ଏହି କାର୍ଯ୍ୟାଳୟର ପ୍ରଥମ ମହଲାରେ ବସୁଥିବା ଦୁଇ ଜଣ ଭଦ୍ରବ୍ୟକ୍ତିଙ୍କୁ ନେଇ ଏବେ ନାନା ଆଲୋଚନା ହେଉଥିବା ବେଳେ ପୋଲିସ ସେମାନଙ୍କୁ କାହିଁକି ପଚରାଉଚରା କରୁନାହିଁ ତାହା ସାଧାରଣରେ ବୁଝାପଡୁନି।

ରାଜ୍ୟର ବିଭିନ୍ନ ପରିବହନ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ଭିନ୍ନ ଭିନ୍ନ ରଙ୍ଗର ବ୍ୟାଣ୍ଡ ପ୍ରଦାନ କରାଯାଇଛି। ସ୍ଥାନୀୟ କର୍ମଚାରୀ ଓ ଆଉଟ ସୋର୍ସିଂ କର୍ମଚାରୀମାନେ ଭିନ୍ନ ଭିନ୍ନ ରଙ୍ଗର ବ୍ୟାଣ୍ଡରେ ପରିଚୟପତ୍ର ବେକରେ ଝୁଲାଉଛନ୍ତି। କିନ୍ତୁ ଅନୁଗୋଳ ଆରଟିଓ କାର୍ଯ୍ୟାଳୟ ଉପର ମହଲାରେ ବସି ଗାଡ଼ି ମାଲିକଙ୍କୁ ନାନା କଥା ବୁଝାଉଥିବା ୨ ଭଦ୍ରବ୍ୟକ୍ତିଙ୍କ ବେକରେ କୌଣସି ରଙ୍ଗର ବ୍ୟାଣ୍ଡ କି ପରିଚୟପତ୍ର ଦେଖିବାକୁ ମିଳୁନାହିଁ। ତେଣୁ ଏମାନଙ୍କ ଭୂମିକା ପରିବହନ କାର୍ଯ୍ୟାଳୟରେ କ'ଣ ରହିଛି ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏପରି କି ଆର୍‌ସି ଓ ଡିସିଆର୍ ହୋଇଥିବା ଗାଡ଼ି ମାଲିକଙ୍କ ସହ ଏମାନଙ୍କ ସିଧା ସଳଖ ଯୋଗାଯୋଗ ରହିଥିବାରୁ ଏମାନେ ସେ କ୍ଷେତ୍ରରେ ହସ୍ତକ୍ଷେପ କରିଥାନ୍ତି ବୋଲି ଅଭିଯୋଗ ହେଉଛି। ବାରମ୍ବାର ଆରଟିଓ କାର୍ଯ୍ୟାଳୟରୁ ପୋଲିସ ଦଲାଲଙ୍କୁ ଗିରଫ କରୁଥିଲେ ହେଁ ସମ୍ପୃକ୍ତ ଦୁଇ ଜଣଙ୍କୁ ପୋଲିସ କାହିଁକି ଏତେ ଅନୁକମ୍ପା ଦେଖାଉଛି, ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ଅନୁଗୋଳ ଆରଟିଓ ଜିତେନ୍ଦ୍ର କୁମାର ଭୋଇଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଅନୁଗୋଳ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସେଠାରେ ଥିବା ଦୁଇ ଜଣଙ୍କୁ ଖୋଜା ଚାଲିଛି। ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶିଶୁର ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଅନୁଗୋଳ ଅଫିସ, ୨୫।୨**

ଅନୁଗୋଳ ସହରସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅନୁଗୋଳ ମହାବିଦ୍ୟାଳୟ ଅଧକ୍ଷ ଉଦୟନାଥ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସରୋଜ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସିଡବ୍ଲ୍ୟୁସି ସଦସ୍ୟ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମା'ଙ୍କ ଠାରୁ ଶିଶୁ ଅନେକ କିଛି ଶିକ୍ଷାଲାଭ କରିଥାଏ। ଏପରି କି ମାତା ପିତାଙ୍କ ଆଚରଣ ଓ ଉଚ୍ଚାରଣକୁ ଶିଶୁଟି ଧୀରେ ଧୀରେ ଆପଣେଇ ନେଇଥାଏ। ପରେ ନୃତ୍ୟ ଶିକ୍ଷୟିତ୍ରୀ ରାଜେଶ୍ୱରୀ ଦାଶ ଓ ହରପ୍ରିୟା ମହାନ୍ତିଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିରୋଦ କୁମାର ସାହୁ ଓ ଜ୍ୟାକଲିନ୍ ଏହାର ସଂଯୋଜନା କରିଥିଲେ। ଶିକ୍ଷକ ଗୋପାଳ ସାହୁ, ପରମାନନ୍ଦ ସାହୁ, ସୂର୍ଯ୍ୟନାରାୟଣ ସାସମଲ, ବିନୋଦିନୀ ଦାଶ, ମମତା ସାହୁ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, କବିତା ଶତପଥୀ, ନିରୁପମା ଗଡ଼ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ବବିତା ସାମଲ ଓ ମଞ୍ଜୁଲତା ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅଦିନିଆ ବର୍ଷା ଯୋଗୁ ରବି ଚାଷ କ୍ଷତିଗ୍ରସ୍ତ

**ବାଲିଆପାଳ, ୨୫।୨(ଡି.ଏନ.ଏ.):** ଲଗାତାର ଅଦିନିଆ ବର୍ଷା ଯୋଗୁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଚାଷୀଙ୍କର ରବି ଚାଷରେ ବ୍ୟାପକ କ୍ଷତି ହୋଇଛି। ରବି ପନିପରିବା ଆଳୁ, ଦେଶୀ ପିଆଜ, ବିଲାତି, ଚିନାବାଦାମ, ସୋରିଷ, ଧନିଆ ଚାଷ ଆଦୌ ଉଧଉ ନାହିଁ। ମାଟି ତଳେ ଥିବା ଆଳୁ, ପିଆଜରୁ ଗଜା ବାହାରିଲାଣି। ଯେଉଁ ଚାଷୀମାନେ ଋଣ କରି ପନିପରିବା ଚାଷ କରିଥିଲେ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୋହଲା ପାଗ ଯୋଗୁଁ ରୋଗ ପୋକ ଅଧିକ ମାଡିଛନ୍ତି ବୋଲି ଚାଷୀମାନେ କହିଛନ୍ତି। ସରକାର କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଚୋରା କାଠ ବୋଝେଇ ପିକଅପ୍ ଜବତ

**ସଜନାଗଡ଼,୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଅନ୍ତର୍ଗତ କୁଲଡ଼ିହା ବନବିଭାଗର ରେଞ୍ଜର ବିଜୟ ମହାପାତ୍ର ଖବର ପାଇ ଖନ୍ତାପଡ଼ା ଥାନା ଚିତାପନା ଗ୍ରାମରୁ ମଙ୍ଗଳବାର ଏକ ଚୋରା କାଠ ବୋଝେଇ ପିକଅପ୍‌କୁ ଜବତ କରିଛନ୍ତି। ମାତ୍ର କୌଶଳକ୍ରମେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜବତ ପିକଅପ୍ ଗାଡ଼ିଟିର ନମ୍ବର ନ ଥିବା ବେଳେ ଉକ୍ତ ଗାଡ଼ିରେ ୨୦ ସିଫ୍ଟ ଅର୍ଜୁନ କାଠ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଚଢ଼ାଉରେ ଗାର୍ଡ଼ ରାମେଶ୍ୱର ମୁର୍ମୁ, ସିଙ୍ଗିରାଇ ହେମ୍ବରମ୍, ଜୟନ୍ତ ସେଠୀ, ଗଣେଶ୍ୱର ବିଶ୍ୱାଳ ପ୍ରମୁଖ ସାମିଲ୍ ଥିଲେ।

### ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ମୃତ୍ୟୁ

**ରୂପ୍‌ସା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଗ୍ରାମର ଜଣେ ଅବସରପ୍ରାପ୍ତ ରେଳ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନମାଳୀ ଦାସ (୭୬)। ଦୀର୍ଘଦିନ ଧରି ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

### ୪ ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା/ବସ୍ତା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଉପଅଧୀକ୍ଷକ ସେକ ଅସ୍‌ଫଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ରାତିରେ ଚଢ଼ାଉ କରାଯାଇ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ବସ୍ତା ଅବକାରୀ ଥାନା ଓଆଇସି ଅନ୍‌ପା ମାରାଣ୍ଡି, ଏଏସ୍‌ଆଇ ମାନଗୋବିନ୍ଦ ମହାପାତ୍ର ପ୍ରମୁଖ ସଦଳବଳେ ବସ୍ତା ଓ ସିଂଲା ଥାନା ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତ ଚକରଡ଼ା ଗ୍ରାମର ତପନ କୁମାର ଦାସ, ସନ୍ତୋଷପୁରର ହୀରା ଟୁଡୁ ଓ ଭୋଜୟ ଟୁଡୁ, ଆମ୍ବକୁଟୁଡ଼ି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୋଛାୟତଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୯୮ଲିଟର ଚୋରା ହାତ ରନ୍ଧା ଦେଶୀମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ୍ ମାମଲା (ନଂ. ୯୫, ୯୬, ୯୭, ୯୮/୧୯-୨୦) ରୁଜୁ ହୋଇ ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅଧ୍ୟାପକଙ୍କ ପରଲୋକ

**ବାଲିଆପାଳ,୨୫।୨(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଦେଭୋଗସ୍ଥିତ ସୁବର୍ଣ୍ଣରେଖା କଲେଜର ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ମଦନମୋହନ ପଣ୍ଡାଙ୍କ ସୋମବାର ପରଲୋକ ହୋଇଛି। ମଙ୍ଗଳବାର ଏହି ଖବର ଜଣାପଡ଼ିବା ପରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଡ. ସନ୍ତୋଷ କୁମାର ଦାସ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଯୋଗଦେଇ ଶୋକପ୍ରକାଶ କରିଥିଲେ। ପରେ କଲେଜକୁ ଛୁଟି ଘୋଷଣା କରାଯାଇଥିଲା।

# ନାହାନ୍ତି ବିଶେଷଜ୍ଞ ଡାକ୍ତର

**ବଅଁରପାଳ, ୨୫।୨(ଡି.ଏନ.ଏ.)**

- ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ପୁରୁଣା ଘର, କାର୍ଯ୍ୟାଳୟ ବିପଦସଙ୍କୁଳ
- ୨ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଶୂନ୍ୟ


ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ବି ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳବାସୀ। ଡାକ୍ତର ଅଭାବ ସହ ବିପର୍ଯ୍ୟସ୍ତ ଭିତ୍ତିଭୂମି ଯୋଗୁ ଏହା ଉପରେ ନିର୍ଭର କରୁଥିବା ଲୋକେ ହଇରାଣ ହେଉଛନ୍ତି। ବିଭାଗ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାୟ ୩୦ ବର୍ଷ ପୂର୍ବରୁ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେଲା ବିଭିନ୍ନ ସମସ୍ୟା ଲାଗିରହିଛି। ଏଠାରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଜଣେ ଶିଶୁ ବିଶେଷଜ୍ଞ, ଜଣେ ଭେଷଜ ଓ ଜଣେ ସର୍ଜରୀ ବିଶେଷଜ୍ଞ ଡାକ୍ତର ରହିବା କଥା। ହେଲେ କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ଦନ୍ତ ବିଭାଗରେ ଜଣେ ଲେଖାଏ ବିଶେଷଜ୍ଞ ଥିବାବେଳେ ଆଉ ଜଣେ ଏମ୍‌ବିବିଏସ୍ ଡାକ୍ତର ରହିଛନ୍ତି। ଅନ୍ୟ ବିଭାଗରେ ବିଶେଷଜ୍ଞ ନ ଥିବାରୁ ଏଠାକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀ ଘରୋଇ ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା ଘରଗୁଡିକ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। କାର୍ଯ୍ୟାଳୟଟି ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅନେକ ସ୍ଥାନରୁ କାନ୍ଥ ଫାଟି ଯାଇଥିବାବେଳେ ଛାତରୁ ପାଣି ଗଳୁଛି। ଫଳରେ କର୍ମଚାରୀମାନେ ଅସୁବିଧାରେ କାର୍ଯ୍ୟ କରୁଛନ୍ତି। ୫୫ ଓ ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାରୁ ଏଠାକୁ ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ପାଇଁ ଅଣାଯାଇଥାଏ। ହେଲେ ଉପଯୁକ୍ତ ଚିକିତ୍ସା ନ ପାଇ ଅନେକ ସମୟରେ ସେମାନେ ହଇରାଣ ହେବା ସହ ବାଧ୍ୟ ହୋଇ ଅନ୍ୟ ଡାକ୍ତରଖାନାକୁ ଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ମଧ୍ୟ ଦୀର୍ଘ ଦିନ ହେଲା ଡାକ୍ତର ସହ ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ପଦବୀ ଖାଲି ପଡିଛି। ଏଥିସହ ଅଞ୍ଚଳରେ ଥିବା ୨୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ବହୁ କେନ୍ଦ୍ରର ସ୍ଥାୟୀ ଗୃହ ନ ଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ମଧ୍ୟ ଲାଗିରହିଛି। ତୁରନ୍ତ ଏ ଦିଗରେ ଧ୍ୟାନ ଦିଆଯାଇ ବିଭାଗ ପକ୍ଷରୁ ଡାକ୍ତର ନିଯୁକ୍ତି ସହ ଅନ୍ୟାନ୍ୟ ସମସ୍ୟା ଦୂର କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଶଙ୍କର୍ଷଣ ଗାଆଣ କୁହନ୍ତି, ଏଠାରେ ବିଶେଷଜ୍ଞ ଓ ଡାକ୍ତର ପଦବୀ ଖାଲି ପଡିଥିବାରୁ ଅସୁବିଧା ହେଉଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଡାକ୍ତର ଅଭାବ ଯୋଗୁ ଚିକିତ୍ସା ଯୋଗାଇବାରେ ସମସ୍ୟା ହେଉଛି।

## କିଶୋରନଗରର ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର

**ବଇଣ୍ଡା,୨୫।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ କମିଟି ପକ୍ଷରୁ କୁହାଯାଇଛି ଯେ, କିଶୋରନଗର ବ୍ଲକ ୫ଟି ପଞ୍ଚାୟତବାସୀଙ୍କ ଚାଷ ଜମିର ଉନ୍ନତି ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପର ଆବଶ୍ୟକତା ରହିଛି। ହେଲେ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଉ ନାହିଁ। ଏ ନେଇ ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ। ଗତ ଅକ୍ଟୋବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ କମିଟି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯାଇଥିଲା। ପରେ ଘଟଣାସ୍ଥଳକୁ ଉପଖଣ୍ଡ ପ୍ରଶାସନିକ ଅଧିକାରୀ ଆସି ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ୩ ମାସ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ।

ସେହିପରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବ୍ଲକର ଅନ୍ୟ ଡାକ୍ତରଖାନାରେ ଶିଶୁ ରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଏମ୍‌ବିବିଏସ୍ ପଦବୀ ସହ ଷ୍ଟାଫନର୍ସ, ସୁଇପର ପଦବୀ ଖାଲି ପଡ଼ି ରହିଛି। ଏ ନେଇ ମଧ୍ୟ କମିଟି ପକ୍ଷରୁ କିଛିମାସ ତଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ପାଳନ କରାଯାଇ ନାହିଁ। ୫୫ ନଂ. ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଶଯ୍ୟା ନ ଥିବା ଯୋଗୁ ରୋଗୀମାନେ ଠିକ୍ ଭାବେ ଚିକିତ୍ସିତ ହୋଇପାରୁ ନାହାନ୍ତି। ସେହିପରି ନିରାମୟ ଯୋଜନାରେ ରୋଗୀଙ୍କୁ ଔଷଧ ଯୋଗାଇ ଦିଆଯାଉ ନାହିଁ। ବାମୁର ବିଦ୍ୟୁତ ସବ୍ ଷ୍ଟେଶନ ଅଧୀନରେ ଥିବା ସମସ୍ତ ଗ୍ରାମରେ କିଛିମାସ ହେବ ଅଘୋଷିତ ବିଦ୍ୟୁତ କାଟ କରାଯାଉଛି। ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବାବେଳେ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ବିଭାଗୀୟ ଅଧିକାରୀମାନେ ଜୁଲମ କରି ଜୋର ଜବରଦସ୍ତ ବିଲ୍ ଆଦାୟ କରୁଛନ୍ତି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଲାଗି ରହିଥିବା ସମସ୍ୟା ସମାଧାନ କରିବା ପାଇଁ କମିଟିର ସଭାପତି ଦୀନବନ୍ଧୁ ପ୍ରଧାନ, ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣିରଞ୍ଜନ ପ୍ରଧାନ, ପୁରୀ ବେହେରା, ସୁବାସଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

## ୧୭୬ ପରିବାରକୁ ୧୦୦ ଦିନର କାମ


ଶିବିରରେ ଉପସ୍ଥିତ ଅଧିକାରୀମାନେ।

**ଆଠମଲ୍ଲିକ,୨୫।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସଭାଗୃହଠାରେ ମଙ୍ଗଳବାର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳାଇ ଏଥିରେ ପୌରୋହିତ୍ୟ କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ସମୁଦାୟ ୩ଲକ୍ଷ ୪୧ ହଜାର ୬୫୦ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ୧୭୬ ପରିବାରଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ଏଥିପାଇଁ ୮କୋଟି ୧୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସମୁଦାୟ ୫୯୯୯ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିରୁ ୩୪୦୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୫୯୫ ପ୍ରକଳ୍ପ ଚାଲୁ ରହିଛି। ଏହି ବର୍ଷ ମଧ୍ୟରେ ୨୪୨୩୫ ପରିବାରକୁ ଜବ୍‌କାର୍ଡ ଯୋଗାଇ ଦିଆଯାଇଛି। ୩୪୮୫ ଜଣ ଏସ୍‌ସି ପରିବାରକୁ ଓ ୪୨୫୬ ଏସ୍‌ଟି ପରିବାରକୁ କାମ ଯୋଗାଇ ଦିଆଯାଇଥିବା ଆଲୋଚନା କରାଯାଇଥିଲା। ଶିବିରରେ ଏପିଡି ରଜନୀକାନ୍ତ ସ୍ୱାଇଁ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, କ୍ଷୀରୋଧ ବଘାର, ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ, ଏପିଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା କାଠ ସହ ଉପକରଣ ଜବତ

**ଛେଣ୍ଡିପଦା,୨୫।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବନ ବିଭାଗ କର୍ମଚାରୀମାନେ ମଙ୍ଗଳବାର ମାରୁଢ଼ିପ ଗ୍ରାମରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଳ ଓ ଶାଗୁଆନ କାଠ ସହିତ ଅର୍ଦ୍ଧ ନିର୍ମିତ ଉପକରଣ ଜବତ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ରେଢ଼ାଖୋଲ ଅଞ୍ଚଳରୁ ମାରୁଢ଼ିପ ଗ୍ରାମକୁ ଶାଳ ଓ ଶାଗୁଆନ କାଠ ଚାଲାଣ ହେଉଥିବା ଖବରପାଇ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡି ପଛ ପଟୁ ଗଚ୍ଛିତ ଥିବା ଶାଳ ଓ ଶାଗୁଆନ କାଠ ସହ ଅର୍ଦ୍ଧ ନିର୍ମିତ ଉପକରଣ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣକୁ ଅଟକ ରଖାଯାଇଛି। ମନମୋହନ ସ୍ୱାଇଁଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରତାପ ପ୍ରଧାନ, କଳାକର ପ୍ରଧାନ, ଦୀପକ କୁମାର ସେଠୀ, ପ୍ରୀତିମଞ୍ଜରୀ ଦେହୁରୀ, ଗାର୍ଡ କମଳଲୋଚନ ପ୍ରଧାନ, ଦୀପକ ମହାନ୍ତି, ଆଦିକନ୍ଦ ପ୍ରଧାନ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।



## ରାଜ୍ୟସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ତାଳଚେର,୨୫।୨(ନି.ପ୍ର.)**

ତାଳଚେର ପୌରାଞ୍ଚଳର ୱାର୍ଡ ନଂ.୧୨ ରେମୁଆଁଠାରେ ରୟାଲ କ୍ଲବ ପକ୍ଷରୁ ଚାଲିଥିବା ୩ୟ ରାଜ୍ୟସ୍ତରୀୟ ପୁରୁଷ ଡବଲ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୭୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚରେ ବଲାଙ୍ଗୀର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ବାବୁଲାଲ ଖଣ୍ଡୁଆଳ, ମୁଖ୍ୟବକ୍ତା ଭାବେ ଏମ୍‌ପିଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ସଞ୍ଜୟ କୁମାର ମାଝି, ଗ୍ରାମ ସମ୍ପାଦକ ସୁଲେଖ ସେଠୀ, ପ୍ରଭାତ ପୃଷ୍ଟି, ରାଜେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅଣ୍ଡର ଭେଟେରାନ୍ କାଟାଗୋରିରେ ଅନୁଗୋଳର ତ୍ରିନାଥ ଦେହୁରୀ ଓ ନକୁଳ ଦେହୁରୀ ଯୋଡି ଚାମ୍ପିୟନ୍ ହୋଇ ୫ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ରନର୍ସ ଅପ ଭାବେ ତାଳଚେରର ପି.କେ. ସିଂ ଓ ପି.ସୋରେନ୍ ଯୋଡି ୩ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ପୁରୁଷ ବିଭାଗର ଜେନେରାଲ୍ କାଟାଗୋରିରେ ବଲାଙ୍ଗୀରର ଅରବିନ୍ଦ ଓ ସୁଦର୍ଶନ ନେପାକ୍ ଯୋଡି ଚାମ୍ପିୟନ୍ ହୋଇ ୧୫ ହଜାର ସହିତ ଟ୍ରଫି ଗ୍ରହଣ କରିଥିଲେ। ରନର୍ସ ଅପ୍ ଭାବେ ଭିକ୍ରାନ୍ତ ଜୈନ ଓ ଚାରିଟି କୁମାର ୯ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ। ଏହାସହିତ ଅନ୍ୟାନ୍ୟ ବିଭାଗରେ ମଧ୍ୟ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ରୟାଲ୍ ବ୍ୟାଡ୍‌ମିଣ୍ଟନ କ୍ଲବ ସଭାପତି ଅଜିତ୍ କୁମାର ଦାସ, ସାଧାରଣ ସମ୍ପାଦକ ସରୋଜ କୁମାର ଗିରି, ପ୍ରତାପ କୁମାର ଦାସ, ରମଣି ରଞ୍ଜନ ଦାସ, ବୀରବର ସାହୁ, ଟୁନା ସାହୁ, ଲକ୍ଷ୍ମଣ ମହାରଣା, ଟୁଟୁଲା ଦାସ, ଚଗଲା ଦାସ, ପ୍ରତାପ ବାରିକ, ସଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଘର ଭାଙ୍ଗିଲା, ଧାନ ଖାଇଲା

**କଣିହାଁ,୨୫।୨(ଡି.ଏନ.ଏ.)**


ହାତୀ ଭାଙ୍ଗି ଥିବା ଘର।

କଣିହାଁ ବ୍ଲକ ରେଙ୍ଗାଳି ଫରେଷ୍ଟ ସେକ୍ସନ ବଜ୍ରକୋଟ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଭୋର ୫ଟାରେ ମାୟାଧର ପ୍ରଧାନଙ୍କ ଚାଳ ଛପର ଭାଙ୍ଗି ୨ କୁଇଣ୍ଟାଲ ଗଚ୍ଛିତ ଧାନ, ଗୋ-ଖାଦ୍ୟ ଖାଇବା ସହିତ ଅନ୍ୟାନ୍ୟ ଗୃହ ଉପକରଣ ନଷ୍ଟ କରିଥିଲା। ଖବରପାଇ ବନ ବିଭାଗ ସ୍କ୍ୱାଡ୍ ପହଞ୍ଚି ବାଣ ଫୁଟାଇ ହାତୀକୁ ଘଉଡାଇଥିଲେ। ସେହିପରି ବର୍ଷା ବେଳେ ଉକ୍ତ ହାତୀ ପଞ୍ଚାୟତ ନିକଟକୁ ଚାଲିଆସିଥିଲା। ସେହି ସମୟରେ ଚିତ୍ତରଞ୍ଜନ ବାରିକ ଏକ ସାଇକେଲରେ ଆସୁଥିବାବେଳେ ହାତୀ ସହିତ ମୁହାଁମୁହିଁ ହୋଇଥିଲେ। ସେ ଦୌଡ଼ି ପଳାଇଯାଇଥିଲେ ହେଁ ହାତୀ ତାଙ୍କ ସାଇକେଲକୁ ଦଳିଚକଟି ଭାଙ୍ଗି ଦେଇଥିଲା। ଏହାପରେ ସୁବର୍ଣ୍ଣପୁର ସାହିକୁ ଯାଇ ବାଡ଼ି ବଗିଚା ନଷ୍ଟ କରିଥିଲା। ଫଳରେ ସ୍ଥାନୀୟ ବାସିନ୍ଦା ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ସହିତ ହାତୀ ଘଉଡ଼ାଇବା ପାଇଁ ଜିଲା ପରିଷଦର ପୂର୍ବତନ ସଦସ୍ୟ ନୃସିଂହ ବରାଳ, ପୂର୍ବତନ ସମିତି ସଭ୍ୟ ବିଧାନ ସାହୁ ଦାବି କରିଛନ୍ତି। ଏ ନେଇ କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, କ୍ଷୟକ୍ଷତିର ଭରଣା ବିଧିମତେ କରାଯିବ। ମଙ୍ଗଳବାର ହାତୀ ଘଉଡ଼ାଇବା କାର୍ଯ୍ୟରେ ୨୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ଅନୁଗୋଳ ପୋଲିସର ଜୋରଦାର ଯାଞ୍ଚ

**ଅନୁଗୋଳ ଅଫିସ, ୨୫।୨**


ରାଜସ୍ଥାନୀ ତାୱା ବ୍ୟବସାୟୀଙ୍କୁ ଅନୁଗୋଳ ପୋଲିସ ଥାନାକୁ ନେଉଛି।

ବର୍ଷା ପାଗ ସତ୍ତ୍ୱେ ମଙ୍ଗଳବାର ଅନୁଗୋଳ ପୋଲିସ ପକ୍ଷରୁ ସହରରେ ଜୋରଦାର ଚେକିଂ କରାଯାଇଛି। ସହର ଉପକଣ୍ଠରେ ନାକାବନ୍ଦୀ କରାଯାଇ ସମସ୍ତ ଗାଡ଼ି ଅଟକାଯାଇ ଯାଞ୍ଚ କରାଯାଇଥିଲା। ସକାଳୁ ଆରମ୍ଭ ହୋଇଥିବା ଏହି ତନଖି ଅପରାହ୍ନରେ ମଧ୍ୟ ଜାରି ରହିଥିଲା। ତେବେ ପାଗ ଏତେ ଖରାପ ସତ୍ତ୍ୱେ ହଠାତ୍ ଅନୁଗୋଳ ପୋଲିସ କାହିଁକି ଏପରି ଯାଞ୍ଚ କରିବାକୁ ମନ ବଳାଇଲା ତାହାକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। କାଳେ ପାଗର ଫାଇଦା ଉଠାଇ ଲୁଟେରାମାନେ କିଛି ବଡ଼ଧରଣର ଲୁଟ୍‌ପାଟ କରିଦେବେ ସେହି ଆଶଙ୍କାରେ ପୋଲିସ ଏପରି ଚେଇଁ ଉଠିଥିବା ଚର୍ଚ୍ଚା ହେଉଛି।

ସହରବାସୀଙ୍କ କହିବା ଅନୁଯାୟୀ, ଅନେକ ସମୟରେ ଦୁର୍ବୃତ୍ତମାନେ ଅନୁଗୋଳ ପୋଲିସକୁ ଚକ୍‌ମା ଦେବାର ନଜିର ରହିଛି। ଏପରି କି ସ୍ୱଷ୍ଟ ଦିବାଲୋକରେ ମଧ୍ୟ ସେମାନେ ରାସ୍ତାରେ ଲୁଟପାଟ କରିବା ସହ ଘରେ ପଶି କଳାକନା ବୁଲାଇ ଦେଉଛନ୍ତି। ତେଣୁ ପାଗ କୋହଲା ଥିବାରୁ କାଳେ ଲୁଟେରାମାନେ ପୋଲିସକୁ ଚ୍ୟାଲେଞ୍ଜ ଦେବେ ସେହି ଆଶଙ୍କାରେ ସହରରେ ଏପରି ଯାଞ୍ଚ କରାଯାଇଥିଲା। ସହର ଉପକଣ୍ଠ ପଞ୍ଚମହଲା ଓ କୁରୁଡୁଲରେ ନାକାବନ୍ଦୀ କରି ପୋଲିସ ଗାଡ଼ିଗୁଡ଼ିକ ଯାଞ୍ଚ କରିଥିଲା। କାଗଜପତ୍ର ସହ ଡିକି ଓ ପରିଚୟପତ୍ର ଦେଖିଥିଲା। ଯେଉଁ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଉଥିଲା ସେମାନଙ୍କୁ ଅଧିକ ପଚରା ଉଚରା କରୁଥିଲା। ଅପରାହ୍ନରେ ସହରର ଶୀତଳ ପ୍ଲାଜା ସମ୍ମୁଖରେ ଦୁଇଟି ଗାଡ଼ିରେ ଆସୁଥିବା ରାଜସ୍ଥାନୀ ତାୱା ବ୍ୟବସାୟୀଙ୍କୁ ତଡ଼ିବା ସହ ଥାନାକୁ ନେଇ ପଚରା ଉଚରା କରିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଏହା ପୋଲିସର ନିୟମିତ ଚେକିଂ। ଯେଉଁମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହେଉଛି ସେମାନଙ୍କୁ ପଚରା ଉଚରା କରାଯାଇ ଛାଡ଼ି ଦିଆଯାଉଛି। ଅନ୍ୟପକ୍ଷରେ ରାଜସ୍ଥାନୀ ତାୱା ବ୍ୟବସାୟୀ କହିଛନ୍ତି, ଭୁବନେଶ୍ୱରରେ ବ୍ୟବସାୟ ସାରି ଦୁଇଟି ଗାଡ଼ିରେ ୯ ଜଣ ଫେରୁଥିଲୁ। ବାଟରେ ବର୍ଷା ପାଇଁ ସୋମବାର ରାତିରେ ଅନୁଗୋଳରେ ରହିଯାଇଥିଲୁ। ରାସ୍ତା ଖର୍ଚ୍ଚ ଉଠିଯିବ ଭାବି ମଙ୍ଗଳବାର ଅପରାହ୍ନ ଯାଏ ରହି ବ୍ୟବସାୟ କରୁଥିଲୁ। କିନ୍ତୁ ଘରକୁ ବାହାରିବା ବେଳକୁ ପୋଲିସ ଥାନାରେ ଆଣି ବସାଇ ଦେଇଥିବା କଥା ବ୍ୟବସାୟୀମାନେ କହିଛନ୍ତି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର, ଫେବୃୟାରୀ ୨୬/୨୦୨୦, Dhenkanal, Wednesday, February 26 / 2020






# ଅତ୍ୟଧିକ ଥଣ୍ଡାରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଢେଙ୍କିକୋଟ, ୨୫।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ଅଧୀନ ବାପଘର ଗ୍ରାମରେ ଅତ୍ୟଧିକ ଥଣ୍ଡା କାରଣରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁଳମଣି ନାଏକ(୬୭)। ଘୂର୍ଣ୍ଣିବଳୟ ପ୍ରଭାବରେ ଦୁଇଦିନ ହେଲା ଅଞ୍ଚଳରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ସୋମବାର ଦିନତମାମ ବର୍ଷା ସହ ପବନ ହୋଇଥିଲା। ଏହାର ପ୍ରଭାବର ଅଞ୍ଚଳର ତାପମାତ୍ରା ଅସ୍ୱାଭାବିକ ଭାବେ ହ୍ରାସ ପାଇଥିଲା। ରାତିରେ କୁଳମଣି ଘର ବାହାରେ ଶୋଇଥିଲେ। ସକାଳୁ ସେ ଆଉ ଉଠି ନ ଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୯/୨୦) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।






# ପରଜଙ୍ଗରେ ଅଘୋଷିତ ବିଦ୍ୟୁତ୍ କାଟ

**ପରଜଙ୍ଗ, ୨୫।୨(ଡି.ଏନ.ଏ.)**

■ପରୀକ୍ଷାର୍ଥୀଙ୍କ ପାଠପଢ଼ା ପ୍ରଭାବିତ

■ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

ଢେଙ୍କାନାଳ ଜିଲା ପରଜଙ୍ଗ ବିଦ୍ୟୁତ୍ ସବ୍‌ଡିଭିଜନରେ ଘନଘନ ବିଦ୍ୟୁତ୍ କାଟ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଠପଢ଼ାକୁ ପ୍ରଭାବିତ କରିଛି। ସେସୁ ପକ୍ଷରୁ ଏପରି ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

୩୩ କେଭି ଲାଇନ ମରାମତି ପାଇଁ ସେସୁ ପକ୍ଷରୁ ଫେବୃୟାରୀ ୨୦, ୨୨ ଏବଂ ୨୩ ତାରିଖରେ ବିଦ୍ୟୁତ୍ କାଟ କରାଯିବାକୁ ଘୋଷଣା କରାଯାଇଥିଲା। ହେଲେ ଏବେ ବିନା କୌଣସି ଘୋଷଣାରେ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି। ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଏପରି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଗତ ସୋମବାର ପରୀକ୍ଷାର୍ଥୀମାନେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ମଙ୍ଗଳବାର ମଧ୍ୟ ଏହାର ପୁନରାବୃତ୍ତି ହୋଇଛି।

ପରଜଙ୍ଗ ବିଦ୍ୟୁତ୍ ସବ୍‌ଡିଭିଜନରୁ ପରଜଙ୍ଗ ସମେତ କଙ୍କଡ଼ାହାଡ଼, କାମାକ୍ଷାନଗର ବ୍ଲକର କେତେକ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଲଗାତର ଏପରି ବିଦ୍ୟୁତ୍ କାଟ ଯୋଗୁ ସମ୍ପୃକ୍ତ ଅଞ୍ଚଳର ଉପଭୋକ୍ତା ମଧ୍ୟ ସମସ୍ୟା ଭୋଗୁଛନ୍ତି। ଖାସ୍ କରି ଏଥିରେ ସରକାରୀ, ବେସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି। ମାଟ୍ରିକ ପରୀକ୍ଷା ଥିବାରୁ ବିଦ୍ୟୁତ୍ କାଟ ନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ହେଲେ ପରଜଙ୍ଗ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଟାଇଁପାଳରୁ ଆସିଥିବା ୩୩ କେଭି ବିଦ୍ୟୁତ୍ ତାର ପୁରୁଣା ହୋଇଗଲାଣି। ଆବଶ୍ୟକ ମରାମତି ହେଉ ନ ଥିବାରୁ ଅନେକ ସମୟରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବା ଜଣାପଡ଼ିଛି।

ଏ ନେଇ ବିଭାଗୀୟ ଏସ୍‌ଡିଓ ସିପକ୍ କୁମାର ଦାସ କୁହନ୍ତି, ୩୩ କେଭିରେ ଫଲ୍ଟ ଜଣାପଡୁନାହିଁ। ହେଲେ ବିଦ୍ୟୁତ୍ ଚାର୍ଜ କଲେ ରହୁନାହିଁ। ସମସ୍ୟାର କାରଣ ଖୋଜାଯାଉଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଶ୍ରୀଜୀଉଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ଢେଙ୍କାନାଳ ଅଫିସ, ୨୫।୨**

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମର ଇଷ୍ଟଦେବ ସତ୍ୟନାରାୟଣ ଜୀଉଙ୍କ କଳସ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ଏକାଠି ହୋଇ ବ୍ରାହ୍ମଣୀ ନଦୀ ତଟରେ ଘଟ କଳସ ପୂଜାର୍ଚ୍ଚନା କରିଥିଲେ। ନବକିଶୋର ସାହୁ ସପତ୍ନୀକ କର୍ତ୍ତା ରହିଥିବାବେଳେ ସୁରେଶ ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ, ହୁଳହୁଳି ଧ୍ୱନି ମଧ୍ୟରେ ମହିଳାମାନେ କଳସ ଧରି ଶୋଭାଯାତ୍ରାରେ ଶ୍ରୀଜୀଉଙ୍କ ପୀଠସ୍ଥଳୀକୁ ଆସିଥିଲେ। ମନ୍ଦିର କମିଟି ଉପଦେଷ୍ଟା ନିତ୍ୟାନନ୍ଦ ମଲ୍ଲିକ, ପ୍ରସନ୍ନ ସାହାଣୀ, ଭାଗବତ ମଲ୍ଲିକ,



ବ୍ରାହ୍ମଣୀ ନଦୀ କୂଳରେ ପୂଜାର୍ଚ୍ଚନା ଚାଲିଛି।

ରବିନାରାୟଣ ମଲ୍ଲିକ, ସର୍ବେଶ୍ୱର ରାଉତ, ଦିଲୀପ ମଲ୍ଲିକ, ବେଣୁଧର ମଲ୍ଲିକ, ରଣଜିତ ମଲ୍ଲିକ, ପ୍ରଦୀପ ମଲ୍ଲିକ, ପରମାନନ୍ଦ ପଟ୍ଟନାୟକ, ଦୟାନିଧି ସାହୁ, ଭୀମସେନ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ